## ଭିଡ଼ ଭିତରେ ଫସିଲା ଆମ୍ବୁଲାନ୍ସ



ନନ୍ଦନକାନନ, ୭।୧୨ (ସମିସ): ବାରଙ୍ଗ ଅଞ୍ଚଳରେ ବିବାହ ମଣ୍ଡପ ପାଇଁ ବଢୁଛି ଟ୍ରାଫିକ୍ ସମସ୍ୟା। ଏହି ଭିଡ଼ ଯୋଗୁଁ ଆମ୍ବୁଲାନ୍ସ ସେବା ବି ବାଧାପ୍ରାପ୍ତ ହେଉଥିବା ଜାଣିବାକୁ ମିଳିଛି। ବିଭିନ୍ନ ମଣ୍ଡପରେ ପାର୍କିଂ ସୁବିଧା ସଠିକ୍ ଭାବରେ ନ ଥିବାବେଳେ ଶୋଭାଯାତ୍ରା ବି ରହୁନାହିଁ କଟକଣା କି ସୁବ୍ୟବସ୍ଥା। ଯେଉଁଥିପାଇଁ ଲୋକେ ଟ୍ରାଫିକ୍ ସମସ୍ୟାରେ ପଡ଼ି ଘଣ୍ଟା ଘଣ୍ଟା ହଇରାଣ ହେଉଛନ୍ତି। ଛତୁ ଫୁଟିଲା ଭଳି ଏହି ଅଞ୍ଚଳରେ ବିବାହ ମଣ୍ଡପ ହେବାକୁ ଲାଗିଲାଣି। ହେଲେ ଅନେକ ମଣ୍ଡପର ପାର୍କିଂ ସୁବିଧା ନାହିଁ। ଫଳରେ ବିବାହ ସମୟରେ ଉକ୍ତ ମଣ୍ଡପକୁ ଆସୁଥିବା ଅତିଥିମାନେ ନିଜର କାର୍ ଓ ବାଇକ୍ ରାସ୍ତା କଡ଼ରେ ଥୋଇଦେଇ ମଣ୍ଡପ ମଧ୍ୟକୁ ପ୍ରବେଶ କରୁଛନ୍ତି। ଫଳରେ ବାରଙ୍ଗ-ନନ୍ଦନକାନନ ମୁଖ୍ୟ ରାସ୍ତା ଜାମ୍ ହୋଇ ରହୁଛି। ଫଳରେ ଅନେକ ସମୟରେ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହେଉଛି। ଏପରି ଭାବେ ଶନିବାର ରାତିରେ ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ଏଭଳି ଅବସ୍ଥା ଲାଗି ରହିଥିଲା। ଏହାକୁ ସମ୍ଭାଳିବା ପାଇଁ କୌଣସି ପୁଲିସ ବା ଟ୍ରାଫିକ୍ କର୍ମଚାରୀଙ୍କୁ ଦେଖିବାକୁ ମିଳି ନ ଥିଲା। ଏଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ମଣ୍ଡପ ଆଗରେ ହେଉଥିବା ବେଆଇନ ପାର୍କିଂ ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ଲିଙ୍ଗରାଜ ମନ୍ଦିରରେ ଅଧିବାସ ପୂଜା ବିବାଦ

# ଖାଡ଼ା ଉପାସରେ ମହାପ୍ରଭୁ

**ମଙ୍ଗଳ ଆଳତି ପରଠୁ ନୀତିକାନ୍ତି ବନ୍ଦ**

**ଅବଢ଼ା ନ ପାଇ ଫେରିଲେ ଶ୍ରଦ୍ଧାଳୁ**

**ଭକ୍ତଙ୍କ ମହଲରେ ତୀବ୍ର ଅସନ୍ତୋଷ**

ଭୁବନେଶ୍ୱର,୭।୧୨(ସମିସ):

ଅଧିବାସ ପୂଜାକୁ ନେଇ ପୂଜାପଣ୍ଡା ଓ ବଡୁ ନିଯୋଗ ଭିତରେ ଉପୁଜୁଥିବା ବିବାଦ ଯୋଗୁଁ ଶନିବାର ଦିନସାରା ଖାଡ଼ା ଉପାସ ମହାପ୍ରଭୁ ଲିଙ୍ଗରାଜ। ଭକ୍ତଙ୍କ ପାଇଁ ପ୍ରଭୁଙ୍କ ଦ୍ୱାର ଖୋଲାଥିଲେ ହେଁ ଠାକୁରଙ୍କ ପାଖରେ ଭୋଗ ଲାଗିନି କି ଦୈନନ୍ଦିନ ନୀତିକାନ୍ତି ସମ୍ପନ୍ନ ହୋଇନି। ସେବାୟତମାନେ ଠାକୁରଙ୍କୁ ସାରାଦିନ ଖାଡ଼ା ଉପାସରେ ରଖି ଦେଇଛନ୍ତି। ଏହାଦ୍ୱାରା ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଠାକୁରଙ୍କ ମହାପ୍ରସାଦ ନ ପାଇ ଖାଲି ହାତରେ ଫେରିଛନ୍ତି। ଏକାମ୍ର କ୍ଷେତ୍ରର କ୍ଷେତ୍ରାଧିପତି ହେଉଛନ୍ତି ମହାପ୍ରଭୁ ଲିଙ୍ଗରାଜ। ହେଲେ ତାଙ୍କ ସେବା ପୂଜାରେ ବାରମ୍ବାର ବିଭ୍ରାଟ ଦେଖାଦେଉଛି। ଏହାକୁ ନେଇ ଶ୍ରଦ୍ଧାଳୁ ଓ ବୁଦ୍ଧିଜୀବୀମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଠାକୁରଙ୍କ ସେବାପୂଜା ସୁରୁଖୁରୁରେ ହେବା ନେଇ ସରକାର ତଥା ମନ୍ଦିର ପ୍ରଶାସନ କଠୋର ନୀତି ପ୍ରଣୟନ କରୁ ବୋଲି ଭକ୍ତମହଲରେ ଦାବି ହେଉଛି।

ସୂଚନାନୁସାରେ, ଓଢ଼ଣ ଷଷ୍ଠୀ ଉପଲକ୍ଷେ ଶନିବାର ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଶୀତବସ୍ତ୍ର ଲାଗି କରାଯାଇଛି। ଆସନ୍ତା ମହାଶିବରାତ୍ରି ପୂର୍ବ ଦିନ ପର୍ଯ୍ୟନ୍ତ ଏହି ଓଢ଼ଣ (ଘୋଡ଼) ଠାକୁରଙ୍କ ଦେହରେ ରହିବ। ପୂଜାପଣ୍ଡାଙ୍କ କହିବାନୁସାରେ, ଏହି ଓଢ଼ଣ ଲାଗି ହେବା ପୂର୍ବରୁ ଅଧିବାସ ପୂଜା ହୋଇଥାଏ। ଏହାକୁ ପୂଜାପଣ୍ଡା ସେବକମାନେ କରିଥା'ନ୍ତି। ହେଲେ ଏହାକୁ ବଡୁ ସେବକମାନେ ବିରୋଧ କରୁଛନ୍ତି।

ଶ୍ରୀଲିଙ୍ଗରାଜ ମନ୍ଦିରରେ ଏଭଳି ନୀତି ନାହିଁ, ତେଣୁ ଏହା ହୋଇପାରିବନି ବୋଲି ଦାବି କରୁଛନ୍ତି। ଫଳରେ ଗତ ୩ ବର୍ଷ ହେଲାଣି ଅଧିବାସ ପୂଜା ହୋଇପାରୁନି। ପୂର୍ବ ବର୍ଷଗୁଡ଼ିକରେ ଅଧିବାସ ପୂଜା ହେଉ ନ ଥିଲେ ମଧ୍ୟ ନୀତିକାନ୍ତି ହେଉଥିଲା। ହେଲେ ଚଳିତ ବର୍ଷ ପୂଜାପଣ୍ଡା ଅଧିବାସ ପୂଜା ପାଇଁ ଅଡ଼ି ବସିଥିଲେ। ଫଳରେ ବିବାଦ ଉପୁଜିଥିଲା। ଏନେଇ ପୂଜାପଣ୍ଡାଙ୍କ ପକ୍ଷରୁ ବହୁ ପୂର୍ବରୁ ମନ୍ଦିର ପ୍ରଶାସନକୁ ଅବଗତ କରାଯାଇଥିଲା। ଅଧିବାସ ପୂଜା କରିବା ନେଇ ସ୍ୱଷ୍ଟୀକରଣ ଦେବା ନେଇ ଚିଠି କରାଯାଇଥିଲା। ହେଲେ ମନ୍ଦିର ପ୍ରଶାସନ ସମାଧାନ କରିପାରି ନ ଥିଲା। ତେଣୁ ପୂଜାପଣ୍ଡା ସେବାୟତମାନେ ବାଧ୍ୟ ହୋଇ ନୀତି ବନ୍ଦ କରିଥିବା ଜଣାପଡ଼ିଛି।

ଏ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ତଥା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ରୁଦ୍ର ପ୍ରସାଦ ମହାନ୍ତି କହିଛନ୍ତି, ସେବାୟତଙ୍କ ବିବାଦ ଯୋଗୁଁ ନୀତିକାନ୍ତି ବନ୍ଦ ରହିଛି। ରବିବାର ନୀତିକାନ୍ତି ସ୍ୱାଭାବିକ ହେବ। ଶନିବାରର ନୀତିକାନ୍ତି ବନ୍ଦ ବିଷୟରେ ଆଗାମୀ ଦିନରେ ଟ୍ରଷ୍ଟବୋର୍ଡ ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯିବ ବୋଲି ସେ କହିଛନ୍ତି। ପୂଜାପଣ୍ଡା ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା କହିଛନ୍ତି, ମନ୍ଦିର ହେବା ଦିନରୁ ଅଧିବାସ ପୂଜା ଅନୁଷ୍ଠିତ ହୋଇ ଆସୁଛି।

୨୦୧୦ରୁ ଏନେଇ ଲିଙ୍ଗରାଜଙ୍କ ୱେବ୍‌ସାଇଟ୍‌ରେ ମଧ୍ୟ ଲେଖାରହିଛି। ହେଲେ ଏହାକୁ ବଡୁ ନିଯୋଗ କରିବାକୁ ଦେଉନି। ତେଣୁ ଏଭଳି ସ୍ଥିତି ଉପୁଜିଛି। ଗତ ୩ ବର୍ଷ ହେଲା, ଏଭଳି ହେଉଥିଲେ ହେଁ ମନ୍ଦିର ପ୍ରଶାସନ କୌଣସି ସମାଧାନର ରାସ୍ତା ବାହାର କରୁନି ବୋଲି ସେ କ୍ଷୋଭର ସହ କହିଛନ୍ତି। ବଡୁ ନିଯୋଗର ସମ୍ପାଦକ କମଳାକାନ୍ତ ବଡୁ କହିଛନ୍ତି, ଲିଙ୍ଗରାଜ ମନ୍ଦିରରେ ଏଭଳି କିଛି ପୂଜା ନାହିଁ। ପୂଜା ନାଁରେ ଠାକୁରଙ୍କୁ ଉପାସ ରଖାଯାଇଛି ବୋଲି ସେ କହିଛନ୍ତି।



### ଗଣ୍ଡରପୁର ଡବଲ ମର୍ଡର

## ୧୫ ବର୍ଷ ହେଲା ଅଭିଯୁକ୍ତର ପତ୍ତା ମିଳୁନି

ଭୁବନେଶ୍ୱର,୭।୧୨(ସମିସ): ବୀଭତ୍ସ ହତ୍ୟାକାଣ୍ଡ ଘଟୁଛି; କିନ୍ତୁ ହତ୍ୟାକାରୀ ଧରାପଡୁନାହାନ୍ତି। ରାଜଧାନୀରେ ଅନେକ ହତ୍ୟା ମାମଲାରେ ଅଭିଯୁକ୍ତ ଏବେ ବି ଫେରାର୍ ରହିଛନ୍ତି। ୧୫ ବର୍ଷ ତଳେ କୁଆଖାଇ ନଦୀପଠାରେ ଡବଲ ମର୍ଡର ଘଟଣା ଘଟିଥିଲା। ଏହି ଘଟଣାର ଉପରୁ ଏଯାଏଁ ପରଦା ହଟାଇ ପାରୁନି କମିସନରେଟ୍ ପୁଲିସ। ଥାନା ଅଧିକାରୀ ସହ ୧୦ରୁ ଅଧିକ ତଦନ୍ତକାରୀ ଅଧିକାରୀ ବଦଳିଗଲେଣି। ଏପରିକି ହତ୍ୟା ମାମଲାର ଫାଇଲ୍ ବନ୍ଦ କରି ଦିଆଯାଇଥିବା କୁହାଯାଉଛି। ଏହି ଲୋମଟାଙ୍କୁରା ହତ୍ୟା ଘଟଣା ଏବେ ଜନମାନସରେ ଅସମାହିତ ଅପରାଧ ହୋଇ ରହିଯାଇଛି।

୨୦୦୯ ମାର୍ଚ୍ଚ ୨୭ ତାରିଖ। ରାଜଧାନୀ ଉପକଣ୍ଠ ଗଣ୍ଡରପୁରସ୍ଥିତ କୁଆଖାଇ ନଦୀପଠାରେ କିଛି ପିଲା ଖେଳୁଥିଲେ। ସେଠାରେ ଥିବା ଏକ ଅଧାଗଢ଼ା ମନ୍ଦିର ପରିସରରେ ଦୁଇ ଜଣଙ୍କ ମୁଣ୍ଡବିହୀନ ମୃତଦେହ ପଡ଼ିଥିବା ଦେଖିଥିଲେ। ମଞ୍ଚେଶ୍ୱର ଥାନା ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଥିଲା। ସେଦିନ ଗଣ୍ଡରପୁର ମଝିସାହିର ସୁରେନ୍ଦ୍ର ପଡ଼ିହାରୀଙ୍କ ମୃତଦେହକୁ ଚିହ୍ନଟ କରାଯାଇଥିଲା। ପରଦିନ ବଡ଼ମ୍ବା ଗୋପିନାଥପୁରର ବାସୁଦେବ ବାରିକଙ୍କ ମୃତଦେହ ଚିହ୍ନଟ ହୋଇଥିଲା। ମୃତଦେହ ପଚି ଦୁର୍ଗନ୍ଧ ବାହାରୁଥିବାରୁ ୪ଦିନ ତଳର ଘଟଣା ବୋଲି ପୁଲିସ ଅନୁମାନ କରିଥିଲା। ଦୁଇ ଜଣଙ୍କୁ ଧାରୁଆ ଅସ୍ତ୍ରରେ ଅତି ବୀଭତ୍ସ ଭାବେ ହାଣି ହତ୍ୟା କରାଯାଇଥିଲା।

**ଅସମାହିତ ଅପରାଧ**

### ଠିକାଦାରୀ ବିବାଦରୁ ଗଡ଼ିଥିଲା ମୁଣ୍ଡ

ବାସୁଦେବ ମଞ୍ଚେଶ୍ୱର ଅଞ୍ଚଳର ଜଣେ ଠିକାଦାରଙ୍କ ପାଖରେ କୁଆଖାଇ ନଦୀବନ୍ଧର ଘେରି କାମ କରୁଥିଲେ। ଉକ୍ତ ଠିକାଦର ନିକଟରୁ ବାସୁଦେବ ଅଲଗା ହୋଇ ଶ୍ରମିକ ଠିକାଦାର ଭାବେ କାର୍ଯ୍ୟ କରୁଥିଲେ। ପରେ ଠିକାଦାର ଓ ବାସୁଦେବଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ନଦୀବନ୍ଧ କାର୍ଯ୍ୟ ଜାରି ରହିଥିବାରୁ ବାସୁଦେବ ମନ୍ଦିରରେ ବସାଉଠା କରିବା ସହ ବିଶ୍ରାମ ନେଉଥିଲେ। ବାସୁଦେବଙ୍କୁ ସେହି ମନ୍ଦିର ପରିସରରେ ଅଭିଯୁକ୍ତମାନେ ହତ୍ୟା କରିଥିଲେ। ବାସୁଦେବଙ୍କୁ ହତ୍ୟା କରିବାର ଦୃଶ୍ୟ ସୁରେନ୍ଦ୍ର ଦେଖିଥିବାରୁ ତାଙ୍କୁ ବି ହତ୍ୟା କରାଯାଇଥିଲା। ସେହିପରି ବାସୁଦେବ ସନ୍ଦେହ ଘେରରେ ଥିବା ଠିକାଦାର ସହ ରହୁଥିଲେ। ଏକ ତେଜରାତି ଦୋକାନରୁ ସଉଦା ବାକି ଆଣୁଥିଲେ। ବାକି ଟଙ୍କା ଦୋକାନୀ ମାଗିବାରୁ ଠିକାଦାର ଓ ବାସୁଦେବଙ୍କ ମଝିରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଏହାର ୫ଦିନ ତଳେ ମନ୍ଦିର ପରିସରରେ ତାଙ୍କୁ ହତ୍ୟା କରାଯାଇଥିଲା।

### ବଳିପଡ଼ିଗଲେ ସୁରେନ୍ଦ୍ର

ସୁରେନ୍ଦ୍ର ନଦୀପଠାରେ ଏକ ମନ୍ଦିର କରିବାକୁ ଯୋଜନା କରୁଥିଲେ। ସବୁ ଦିନ କିଛି କିଛି ଟଙ୍କା ଯୋଗାଡ଼ କରି ମନ୍ଦିର ଗଢୁଥିଲେ। ନଦୀବନ୍ଧ କାର୍ଯ୍ୟ ଚାଲୁଥିବାରୁ ଉକ୍ତ ଅଧାଗଢ଼ା ମନ୍ଦିରକୁ ବାସୁଦେବ ଆସୁଥିଲେ। ପୂର୍ବ ଶତ୍ରୁତା କିମ୍ବା ଠିକାଦାର ବିବାଦକୁ ବାସୁଦେବଙ୍କୁ ହତ୍ୟା କରାଯାଇଥିଲା। ଏହାକୁ ସୁରେନ୍ଦ୍ର ଦେଖିଦେବାରୁ ତାଙ୍କୁ ହତ୍ୟା କରାଯାଇ ଥାଇପାରେ ବୋଲି ପୁଲିସ ଅନୁମାନ କରିଥିଲା। ଶତ୍ରୁତା ବାବଦରୁ ନିରୀହ ସୁରେନ୍ଦ୍ର ବଳି ପଡ଼ିଗଲା ବୋଲି ଚର୍ଚ୍ଚା ହେଉଛି। ସେହିପରି ଅଧାଗଢ଼ା ମନ୍ଦିରକୁ ଜଣେ ବାବା ଆସିଥିଲେ। ବଳି ଉଦ୍ଦେଶ୍ୟରେ ଦୁଇଜଣଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଥିଲା। ଏଭଳି ବିଭିନ୍ନ ଦିଗକୁ ନେଇ ମଞ୍ଚେଶ୍ୱର ଥାନା ପୁଲିସ ଖୋଳତାଡ଼ କରିଥିଲେ। ସ୍ଥାନୀୟ ଲୋକେ ଓ ଚର୍ଚ୍ଚାକୁ ଆସିଥିବା ଠିକାଦାର ଉପରେ ପୁଲିସ ସନ୍ଦେହ କରୁଥିଲା। ଏଥିରେ ୨୫ଜଣଙ୍କୁ ପୁଲିସ ପଚରାଉଚରା କରିଥିଲା। ମାତ୍ର ୩ ମାସ ପରେ ତଦନ୍ତ ଆଉ ଆଗେଇ ପାରି ନ ଥିଲା।

## ବୃଦ୍ଧି ପାଉଛି ଓମ୍‌ଫେଡ୍ ଘିଅର ଚାହିଦା

ଭୁବନେଶ୍ୱର,୭।୧୨(ସମିସ): ଓମ୍‌ଫେଡ୍ ଘିଅର ଚାହିଦା ଏବେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଓମ୍‌ଫେଡ୍ ୧୯୯୬-୯୭ ଆର୍ଥିକ ବର୍ଷରୁ ଘିଅ ଉତ୍ପାଦନ ଆରମ୍ଭ କରିଥିଲା। ଆରମ୍ଭରେ ଏହାର ଉତ୍ପାଦନ କ୍ଷମତା ଥିଲା ମାତ୍ର ୪-୫ ମେଟ୍ରିକ ଟନ୍। ସେତେବେଳେ ବିକ୍ରି ହେଉଥିଲା ମାସିକ ୧.୫ ମେଟ୍ରିକ୍ ଟନ୍। ମାତ୍ର ଆଜିର ଦିନରେ ଏହାର ଦୈନିକ ଉତ୍ପାଦନ କ୍ଷମତା ୧୦ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇଛି। ଅର୍ଥାତ୍ ମାସିକ ୩୦୦ ମେଟ୍ରିକ୍ ଟନ୍ ଘିଅ ଉତ୍ପାଦନ କରିବାର କ୍ଷମତା ରହିଛି। ସେହିପରି ବିକ୍ରି ମଧ୍ୟ ବହୁଗୁଣରେ ବୃଦ୍ଧି ପାଇଛି। ସମ୍ପ୍ରତି ଜଗନ୍ନାଥଙ୍କ ମନ୍ଦିରରେ କେବଳ ଓମ୍‌ଫେଡ୍ ଘିଅ ଲାଗି ହେବା ପାଇଁ ନିଷ୍ପତ୍ତି ହେବା ପରଠାରୁ ଏହାର ବିକ୍ରି ବହୁଗୁଣରେ ବୃଦ୍ଧି ପାଇଛି। ଏବେ ହାରାହାରି ମାସିକ ୧୩୫ ମେଟ୍ରିକ୍ ଟନ୍ ଘିଅ ବିକ୍ରି ହେଉଛି। ଅର୍ଥାତ୍ ଦୈନିକ ହାରାହାରି ୪.୫ ମେଟ୍ରିକ୍ ଟନ୍ ଘିଅ ବିକ୍ରି ହେଉଛି। ଗତ ଅକ୍ଟୋବର ମାସରେ ୧୮୫.୭୩ ମେଟ୍ରିକ୍ ଟନ୍ ଘିଅ ବିକ୍ରି ହୋଇଥିବା ଓମ୍‌ଫେଡ୍ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। ଏଥିରେ ଅପମିଶ୍ରଣ ହେବାର କୌଣସି ସମ୍ଭାବନା ନାହିଁ। ସେଥିପାଇଁ ଲୋକଙ୍କର ଅତୁଟ ଭରସା ରହିଛି। ଗତ ଅକ୍ଟୋବର ୨ରୁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ କେବଳ ଓମ୍‌ଫେଡ୍ ଘିଅ ହିଁ ଲାଗିହେଉଛି। ଏବେ ବଜାରରେ ଓମ୍‌ଫେଡ୍‌ର ୧୫ ଲିଟରିଆ ଗୁଆଘିଅ ଟିଣ ପ୍ୟାକିଂ ମିଳୁଥିବାବେଳେ ୫ ଲିଟର ଟିଣ, ପଲି ଜାର୍ ପ୍ୟାକ୍ ମିଳୁଛି। ସେହିପରି ୧ ଲିଟର, ୫୦୦ ଓ ୨୦୦ ମିଲିଲିଟର ଟିଣ ଡବା, ପଲି ଜାର୍ ଓ ପାଉଚ୍ ମଧ୍ୟ ବଜାରରେ ଉପଲବ୍ଧ ହେଉଛି। ଆଗାମୀ ଦିନରେ ରାଜ୍ୟ ବାହାରକୁ ଓମ୍‌ଫେଡ୍ ଘିଅ ଛାଡ଼ିବାକୁ ଯୋଜନା ରଖିଛି ବୋଲି କହିଛନ୍ତି ଶ୍ରୀ କୁଲାଙ୍ଗେ।

## ଦୁଇ ପରିବାର ଗଣ୍ଡଗୋଳ; ଜଣେ ଆହତ



ବାଲିଅନ୍ତା,୭।୧୨(ସମିସ): ଶନିବାର ଅପରାହ୍ଣ ସାଢ଼େ ୨ଟା ସମୟରେ ଯଶୁଆପୁର ଗ୍ରାମ ବାଲିପୋଖରୀ ନିକଟ ଗୋଚର ଜମିରେ ୨ ମଇଁଷି ଚରାଳି ପରିବାର ମଧ୍ୟରେ ଭୀଷଣ ଗଣ୍ଡଗୋଳ ଘଟିଛି। ଗୋଟିଏ ପକ୍ଷର ଠେଙ୍ଗାମାଡ଼ରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ହେଲେ ବାଲକାଟି ଫାଣ୍ଡି ଉମାଦେଈ ବ୍ରହ୍ମପୁର ପଞ୍ଚାୟତ ଅଧୀନ ହୀରାପୁର ଗ୍ରାମର ମନୋରଞ୍ଜନ ଦାସ (୩୦)। ପରିବାର ଲୋକେ ମନୋରଞ୍ଜନଙ୍କୁ ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମଇଁଷିଚରାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା।

### ରାଜଧାନୀରେ ମାତିଛନ୍ତି ଦଲାଲ / ଘରଭଡ଼ା ନାଁରେ ଡାକ୍ତରଙ୍କୁ ଠକେଇ

ଭୁବନେଶ୍ୱର,୭।୧୨(ସମିସ): ଭୁବନେଶ୍ୱରରେ ମାତିଛନ୍ତି ଘରଭଡ଼ା ଦଲାଲ। କେତେବେଳେ ଅନ୍ୟର ଘର ଦେଖାଇ ଲୁଟିନେଉଛନ୍ତି ଟଙ୍କା ତ ଆଉ କେତେବେଳେ ଘର ବୁଝିଦେବାକୁ କହି ଅଗ୍ରିମ ଟଙ୍କା ନେଇ ଘର ଦେଉନାହାନ୍ତି। ଲୋକଙ୍କୁ ଶିକାର କରିବା ପାଇଁ ସେମାନେ ସହରସାରା ଟୁ ଲେଟ୍ ପୋଷ୍ଟର ମାରିଛନ୍ତି। ଏମିତି ଠକେଇର ଶିକାର ହୋଇଛନ୍ତି ଯାଜପୁରର ଜ୍ୟୋତିପ୍ରକାଶ ସାହୁ। ଦିଲ୍ଲୀରେ ଡାକ୍ତରୀ ପାଠପଢ଼ା ସାରି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଇଣ୍ଟର୍ଣ୍ଣସିପ୍ ପାଇଁ ଆସିଥିଲେ ଜ୍ୟୋତି। ରାସ୍ତା କଡ଼ରେ ଟୁ ଲେଟ୍ ପୋଷ୍ଟର ଦେଖି ଯୋଗାଯୋଗ କରିବା ପରେ ଜଣେ ଦଲାଲ ସହ ଯୋଗାଯୋଗ ହୋଇଥିଲା। ଡିଲ୍ ମୁତାବକ ଘର ଦେଖାଇବାକୁ ସେ ନେଇଥିଲେ ୫ଶହ ଟଙ୍କା। ଶ୍ରୀଅଙ୍ଗ କନ୍‌ଷ୍ଟ୍ରକ୍ସନ୍ ନାଁ ସହ ଜିଏସ୍‌ଟି ନମ୍ବର, ୟୁପିଆଇ ସ୍କାନର୍ ସବୁ ରହିଛି। ଜ୍ୟୋତି ଏହି ସବୁ ଦେଖି ବିଶ୍ୱାସ କରି ନେଇଥିଲେ। ଏହାପରେ ଜ୍ୟୋତିଙ୍କୁ ନନ୍ଦନବିହାରରେ ଘର ଦେଖାଇଥିଲେ। ଏହି ଘର ବାବଦକୁ ମାସିକ ସାଢ଼େ ୮ ହଜାର ଲେଖାଏଁ ଦୁଇ ମାସର ୧୭ ହଜାର ଟଙ୍କା ଆଡ୍‌ଭାନ୍ସ ଦେଇଥିଲେ ଜ୍ୟୋତି। ମୋବିକ୍ୱିକ୍‌ରେ ଟଙ୍କା ପଠାଯାଇଥିବା ନେଇ ରହିଛି ଇନ୍‌ଭଏସ୍ ମେସେଜ୍। ଟଙ୍କା ଯାଇଛି ଦଲାଲ ଦୁର୍ଯ୍ୟୋଧନ ସାହୁଙ୍କ ପାଖକୁ। ହେଲେ ଜିନିଷପତ୍ର ନେଇ ଜ୍ୟୋତି ଯେତେବେଳେ ଉକ୍ତ ଘରେ ରହିବାକୁ ଆସିଥିଲେ, ଦଲାଲ ଦେଖାଇଥିବା ଘର ମାଲିକ କହିଥିଲେ, ସେ କୌଣସି ସଂସ୍ଥା କି ଦଲାଲଙ୍କୁ ଘରଭଡ଼ା ବାବଦରେ କହିନାହାନ୍ତି। ସେପଟେ ଶ୍ରୀଅଙ୍ଗ କନ୍‌ଷ୍ଟ୍ରକ୍ସନ୍ ପକ୍ଷରୁ କୁହାଯାଇଛି ଯେ ଦୁର୍ଯ୍ୟୋଧନ ସାହୁ ପୂର୍ବରୁ ସେଠାରେ କାମ କରୁଥିଲା। ହେଲେ ଏବେ ଆଉ ନାହିଁ। ଠକେଇର ଶିକାର ଜ୍ୟୋତି ଇନ୍‌ଫୋସିଟି ଥାନାରେ ଏନେଇ ଅଭିଯୋଗ କରିଥିବାବେଳେ ଏଯାଏଁ ତାଙ୍କୁ ନା ଘର ମିଳିଛି ନା ଟଙ୍କା। କେବଳ ଜ୍ୟୋତି ନୁହନ୍ତି, ଏଭଳି ଅନେକ ରାଜଧାନୀରେ ଭଡ଼ାଘର ଖୋଜି ଦଲାଲଙ୍କ ହାବୁଡ଼ରେ ପଡୁଛନ୍ତି ଏବଂ ଠକେଇର ଶିକାର ହେଉଛନ୍ତି। ଗତ ସେପ୍ଟେମ୍ବର ମାସରେ ମୈତ୍ରୀ ବିହାର ଥାନା ଅନ୍ତର୍ଗତ ଓମ୍ ଗାର୍ଡେନ୍ ଆପାର୍ଟମେଣ୍ଟରେ ଘଟିଥିଲା ସମାନ ଘଟଣା। ଘରଭଡ଼ା ପାଇଁ ଦଲାଲ ଫଟୋ ପୋଷ୍ଟ କରି ଏକାଧିକ ଯୁବକ-ଯୁବତୀଙ୍କୁ ଲଗାଇଥିଲା ଚୂନ। ଏଭଳି ସ୍ଥିତିରେ ଘର ଖୋଜିବାବେଳେ ଦଲାଲଙ୍କ ପ୍ରତି ସଜାଗ ରହିବାକୁ ପରାମର୍ଶ ଦେଇଛି ପୁଲିସ।



# ପୁଲିସ ପଞ୍ଝାରେ 'ତିନ୍ ପାହାଡ଼ୀ' ଗ୍ୟାଙ୍ଗ୍



ଭୁବନେଶ୍ୱର,୭।୧୨(ସମିସ):

ଭୁବନେଶ୍ୱରରୁ ଫୋନ୍ ଚୋରି କରିବା ପରେ ଝାଡ଼ଖଣ୍ଡ ଦେଇ ବାଂଲାଦେଶକୁ ଚାଲାଣ କରିଥାନ୍ତି। ଫୋନ୍ ଚୋରି କରିବା ପରେ ସେଇ ସିମ୍‌କୁ ବ୍ୟବହାର କରି ୟୁପିଆଇକୁ ହ୍ୟାକ୍ କରି ଆକାଉଣ୍ଟରୁ ଟଙ୍କା ଉଠାଇ ନେଉଥିଲେ। ଶନିବାର 'ତିନ୍ ପାହାଡ଼ୀ' ଗ୍ୟାଙ୍ଗ୍‌ର ୩ଜଣ ସଦସ୍ୟଙ୍କୁ ଗିରଫ କରିବା ପରେ ଏଭଳି ଚାଞ୍ଚଲ୍ୟକର ଖୁଲାସା କରିଛି ଶ୍ରୀଲିଙ୍ଗରାଜ ଥାନା ପୁଲିସ। ରାଜଧାନୀରୁ ଚୋରି କରୁଥିବା ଫୋନ୍‌ଗୁଡ଼ିକୁ ସିଧାସଳଖ ବାଂଲାଦେଶକୁ ପଠାଇ ଦେଉଥିଲେ। ଗ୍ୟାଙ୍ଗ୍‌ର ମୁଖିଆ ନେଟ୍‌ୱର୍କକୁ ଝାଡ଼ଖଣ୍ଡରେ ରହି ଅପରେଟ୍ କରି ଚୋରି ଫୋନ୍‌କୁ ବାଂଲାଦେଶକୁ ଚାଲାଣ କରୁଥିଲା। ଏଥିରେ ସମ୍ପୃକ୍ତି ରହିଥିବା ଅଭିଯୁକ୍ତମାନେ ସାହେବଗଞ୍ଜର ବିକାଶ କୁମାର, ରାମ ପ୍ରସାଦ ସୋନି ଓ ପ୍ରଦୀପ କୁମାର। ସେମାନଙ୍କଠାରୁ ୧୭ଟି ମୋବାଇଲ୍ ଫୋନ୍ ଓ ନଗଦ ଟଙ୍କା ଜବତ ହୋଇଛି। ଅଭିଯୁକ୍ତଙ୍କ ନାମରେ ଲିଙ୍ଗରାଜ ଥାନାରେ ୨ଟି ଲେଖାଏଁ ମାମଲା ରହିଛି। ଗ୍ୟାଙ୍ଗ୍‌ର ମୁଖିଆ ଖସିଯାଉଥିବାବେଳେ ତାକୁ ଚିହ୍ନଟ କରାଯାଇଛି। ଧରାପଡ଼ିଥିବା ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ ବୋଲ ଜୋନ୍ ଏସିପି କୃଷ୍ଣଚନ୍ଦ୍ର ପଲେଇ ସୂଚନା ଦେଇଛନ୍ତି।

**ରାଜଧାନୀରୁ ଫୋନ୍ ଚୋରି; ବାଂଲାଦେଶକୁ ଚାଲାଣ**

**ଅଭିଯୁକ୍ତଙ୍କ ଅଣ୍ଟିରୁ ୧୭ ଫୋନ୍ ଜବତ**



### ଚୋରଙ୍କୁ ମିଳୁଥିଲା ମାସିକିଆ ଦରମା

ଧରାପଡ଼ିଥିବା ଗ୍ୟାଙ୍ଗ୍‌ର ସଦସ୍ୟଙ୍କ ଘର ଝାଡ଼ଖଣ୍ଡ ତିନ୍ ପାହାଡ଼ୀ। ଗ୍ୟାଙ୍ଗ୍‌ର ୧୦ରୁ ୧୨ଜଣ ସଦସ୍ୟ ଏକାଥରକେ ଗୋଟିଏ ରାଜ୍ୟକୁ ଯାଉଥିଲେ। ଏହି ଚୋରମାନଙ୍କୁ ଚୋରି କରିବାର ଚାକିରି ମିଳିଥିଲା। ଜଣେ ବ୍ୟକ୍ତି ନିକଟରେ ଚାକିରି କରିଥିଲେ। ସେମାନଙ୍କୁ ମାସକୁ ୧୦ରୁ ୧୨ ହଜାର ଟଙ୍କା ଦରମା ମିଳୁଥିଲା। ଫୋନ୍ ଲୁଟିବା ପରେ ଗ୍ୟାଙ୍ଗ୍‌ର ମୁଖିଆଙ୍କ ନିକଟକୁ ପଠାଇ ଦେଉଥିଲେ। ଶସ୍ତାରେ ମିଳୁଥିବା ଘରକୁ ଭଡ଼ାସୂତ୍ରରେ ନେଉଥିଲେ। ଏମିତିକି ଫୁଟ୍‌ପାଥ, ରେଲ୍‌ୱେ ଷ୍ଟେସନରେ ରହୁଥିଲେ। ଗ୍ୟାଙ୍ଗ୍‌ର ସଦସ୍ୟମାନେ ଫୋନ୍ ଚୋରି କରିବା ପରେ ଟ୍ରେନ୍‌ରେ ଝାଡ଼ଖଣ୍ଡ ପଳାଉଥିଲେ। ସେଠାରୁ ଚୋରି ଫୋନ୍‌ଗୁଡ଼ିକୁ ବାଂଲାଦେଶକୁ ଚାଲାଣ କରୁଥିଲେ। ବାଂଲାଦେଶରେ ଅଧିକ ଟଙ୍କାରେ ଚୋରି ଫୋନ୍ ବିକ୍ରି କରିବା ସହ ଧରାପଡ଼ିଥିବା ଭୟ ନ ଥିବାରୁ ସେଠାକୁ ସିଧାସଳଖ ଚାଲାଣ କରୁଥିଲେ। ଲିଙ୍ଗରାଜ ଥାନା ଅଞ୍ଚଳରେ ଏକାଧିକ ଚୋରି କରିବା ପରେ ପୁଲିସ ତଦନ୍ତ ଚଳାଇଥିଲା। ସାମନ୍ତରାପୁର ମା' ଭୁଆଶୁଣି ପାର୍କ ନିକଟରୁ ୩ ଜଣଙ୍କୁ କାବୁ କରିବା ସହ ୧୭ଟି ମୋବାଇଲ୍ ଫୋନ୍ ମିଳିଥିଲା।

### ଟାର୍ଗେଟ୍‌ରେ ଫୋନ୍-ପେ' ଓ ଗୁଗଲ୍ ପେ'

ଏହି 'ତିନ୍ ପାହାଡ଼ୀ' ଗ୍ୟାଙ୍ଗ୍ ଭାବେ ସାରା ଦେଶରେ ପରିଚିତ ରହିଛନ୍ତି। ସେମାନେ ମୋବାଇଲ୍ ଲୁଟ୍ କରିବା ପରେ ଫୋନ୍‌ରେ ସଂଯୋଗ ଥିବା ଫୋନ୍-ପେ' ଓ ଗୁଗଲ୍ ପେ'କୁ ଟାର୍ଗେଟ୍ କରୁଥିଲେ। ବ୍ୟାଙ୍କ ଆକାଉଣ୍ଟର ୟୁପିଆଇ ଲିଙ୍କ୍‌କୁ ହ୍ୟାକ୍ କରି ଟଙ୍କା ଚଳୁ କରୁଥିଲେ। ଫୋନ୍ ଚୋରି କରିବା ପରେ ସେଥିରେ ଥିବା ସିମ୍‌କୁ ଆଉ ଏକ ଫୋନ୍‌ରେ ପକାଉଥିଲେ। ଚୋରି ହୋଇଥିବା ବ୍ୟକ୍ତିର ସିମ୍‌ଟି କିଛି ବ୍ୟାଙ୍କ ସହ ଜଡ଼ିତ ରହିଥାଏ। ଉକ୍ତ ସିମ୍‌କୁ ଲୁଟେରା ସେମାନଙ୍କ ଫୋନ୍‌ରେ ପକାଇ ଫୋନ୍-ପେ' ଓ ଗୁଗଲ୍ ପେ' ଇନ୍‌ଷ୍ଟଲ କରିଥାଏ। ଠକ ଫୋନ୍‌କୁ ଓଟିପି ଗଲା ପରେ ଆଉ ଏକ ପାସ୍‌ୱାର୍ଡ ଦେଇ ଆକାଉଣ୍ଟରୁ ତୁରନ୍ତ ଟଙ୍କା ଉଠାଯାଇଥାଏ। ଅନୁରୂପ ଭାବେ ଦୀପାବଳି, ଦୁର୍ଗାପୂଜା, ନୂଆବର୍ଷ ଭଳି ଛୁଟି ଦିନଗୁଡ଼ିକରେ ଓଡ଼ିଶାକୁ ଆସୁଥିଲେ। ମୋ ବସ୍, ହାଟ, ମନ୍ଦିର, ରେଲ୍‌ୱେ ଷ୍ଟେସନ ଏବଂ ହସ୍ପିଟାଲ ଭଳି ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକୁ ଟାର୍ଗେଟ୍ କରୁଥିଲେ। ଏକାଥରକେ ୫ରୁ ୭ଜଣ ଯାଇ ଗହଳିର ଭ୍ରମ ସୃଷ୍ଟି କରୁଥିଲେ। କୃତ୍ରିମ ଗହଳିର ସୁଯୋଗ ନେଇ ମୋବାଇଲ୍ ଲୁଟ୍‌ପାଟ୍ କରୁଥିଲେ। ଗୋଟିଏ ସ୍ଥାନରୁ ଚୋରି କରିବା ପରେ ଅନ୍ୟ ଏକ ସ୍ଥାନକୁ ଟ୍ରେନ୍‌ରେ ଚାଲି ଯାଉଥିଲେ ଏହି 'ତିନ୍ ପାହାଡ଼ୀ' ଗ୍ୟାଙ୍ଗ୍। ଗୁଜରାଟ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଭଳି ରାଜ୍ୟରେ ଲୁଟ୍‌ପାଟ୍ କରି ସେଠାକାର ପୁଲିସ ଲାଗି ମୋଷ୍ଟୱାଣ୍ଟେଡ୍ ତାଲିକାରେ ରହିଛନ୍ତି।

## ମାଆକୁ ମାଡ଼ମାରି ଝିଅ ଗିରଫ

ହଂସପାଳ,୭।୧୨(ସମିସ): ନିଜ ମାଆଙ୍କୁ ମାଡ଼ ମାରିବା ଅଭିଯୋଗରେ ପାହାଳ ଥାନା ପୁଲିସ ଜଗନ୍ନାଥପୁର ଗ୍ରାମର ଲୁସି ଭୋଇ(୨୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ, ଅଭିଯୋଗକାରିଣୀ କେଶି ଭୋଇ(ମାଆ) ପରିବାର ସହ ପାହାଳ ଥାନା ଅନ୍ତର୍ଗତ ଦଳବାଡ଼ ଗ୍ରାମରେ ରୁହନ୍ତି। ଗତ ଶୁକ୍ରବାର ପାରିବାରିକ ବିବାଦକୁ କେନ୍ଦ୍ର କରି ଲୁସି ନିଜ ମାଆଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଏକ ଲୁହା ହାତୁଡ଼ି ସାହାଯ୍ୟରେ କେଶିଙ୍କ ମୁଣ୍ଡକୁ ପିଟିଦେବାରୁ ତାଙ୍କ ମୁଣ୍ଡ ଫାଟିଯାଇଥିଲା। ଫଳରେ କେଶି ରକ୍ତାକ୍ତ ଅବସ୍ଥାରେ ସେଠାରେ ତଳେ ପଡ଼ିଯାଇଥିଲେ। ସଙ୍ଗେ ସଙ୍ଗେ ପାଖ ପଡ଼ୋଶୀଙ୍କ ସହାୟତାରେ ଘଟଣାସ୍ଥଳରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ତାଙ୍କୁ ମହୀଧରପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପରେ କେଶି ଏନେଇ ପାହାଳ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏହି ମାମଲାର ତଦନ୍ତ କରି ପାହାଳ ଥାନା ଅଧିକାରୀ ବିଉଟି ମହାନ୍ତି ଲୁସିକୁ ଗିରଫ କରିବା ସହିତ ଆକ୍ରମଣରେ ବ୍ୟବହୃତ ଲୁହା ହାତୁଡ଼ିକୁ ମଧ୍ୟ ଜବତ କରିଥିଲେ। ପଚରାଉଚରା ବେଳେ ଲୁସି ନିଜ ଅପରାଧ ସ୍ୱୀକାର କରିଛନ୍ତି।

'ରାଜ୍ୟ ପୁସ୍ତକ ମହୋତ୍ସବ'ର ଦ୍ୱିତୀୟ ଦିନ

# ଶ୍ରୀଜଗନ୍ନାଥଙ୍କୁ ଦେଖି ଭାବବିହ୍ୱଳ ଭକ୍ତ

ଭୁବନେଶ୍ୱର,୭।୧୨(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହୋଇଥିବା 'ଷଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ-୨୦୨୪' ଦ୍ୱିତୀୟ ଦିନରେ ପହଞ୍ଚିଛି। ଚଳିତ ବର୍ଷ ପୁସ୍ତକମେଳାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦେଖି ଭାବବିହ୍ୱଳ ହୋଇଛନ୍ତି ଭକ୍ତ। ପୁସ୍ତକ କିଣିବାକୁ

## ଭକ୍ତ କିଣିଲେ ମହାପ୍ରଭୁଙ୍କ ଉଲାଗି ଧ୍ୱଜା

ଆସି ମହାପ୍ରଭୁଙ୍କ ଦର୍ଶନ ପାଇଁ ଏହି ଷ୍ଟଲ୍‌ରେ ଜମୁଛି ଭିଡ଼। ଶ୍ରୀମନ୍ଦିର ସିଂହଦ୍ୱାର ସହ ଦକ୍ଷିଣ ଦ୍ୱାରର ପ୍ରକୃତ ଚିତ୍ର ଏଠାରେ ଉପସ୍ଥାପିତ କରାଯାଇଛି। ମନ୍ଦିର ସମ୍ମୁଖରେ ମଧ ଗରୁଡ଼ସ୍ତମ୍ଭ କରାଯାଇଛି। ଯାହାକୁ ଦେଖି ଭାବବିହ୍ୱଳ ହୋଇଛନ୍ତି ପୁସ୍ତକ କିଣିବାକୁ ଆସୁଥିବା ଗ୍ରାହକ। ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେଉଥିବା ରାଜ୍ୟ ପୁସ୍ତକ ମହୋତ୍ସବ ପରିସରରେ ଦେଖିବାକୁ ମିଳିଛି ଏଭଳି ଦୃଶ୍ୟ।

ପ୍ରତିବର୍ଷ ଭଳି ଏଥର ମଧ ଶ୍ରୀମନ୍ଦିର ପ୍ରଶାସନ ପୁରୀ ପକ୍ଷରୁ ଖୋଲିଥିବା ଷ୍ଟଲ୍‌ରେ ସନ୍ଧ୍ୟାରେ ଶ୍ରୀଜଗନ୍ନାଥଙ୍କ ସୁନାବେଶ କରାଯାଉଛି। ଷ୍ଟଲ୍ ମଧରେ ତିନି ମୂର୍ତ୍ତିଙ୍କୁ ସ୍ଥାପନ କରାଯାଇ ମନ୍ଦିରର ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଉଛି। ଏହାସହ ଏହି ଷ୍ଟଲ୍‌ଟିକୁ ଅବିକଳ ପୁରୀ ଶ୍ରୀମନ୍ଦିର ଭାବେ ସଜ୍ଜିତ କରାଯାଇଛି। ପ୍ରତିଦିନ ସନ୍ଧ୍ୟାରେ ଶ୍ରୀମନ୍ଦିରରୁ ଆଜ୍ଞାମାଳ ଏଠାକୁ ଆସିଥାଏ। ସତେ ଯେମିତି ଶ୍ରୀମନ୍ଦିର ପରିସରରେ ରହିଥିବା ଭଳି ଅନୁଭବ ହେଉଛି ବୋଲି ଗ୍ରାହକମାନେ କହିଛନ୍ତି। ଯାହାଦ୍ୱାରା ମେଳା ପରିସରକୁ ଆସୁଥିବା ପୁସ୍ତକପ୍ରେମୀ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାକୁ ଭୁଲିନାହାନ୍ତି। ଏଠାରେ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି, ଆଧାତ୍ମିକ ଓ ଅନୁଭୂତିମୂଳକ ୩୦୦ରୁ ଉର୍ଦ୍ଧ୍ୱ ପୁସ୍ତକ ଉପଲବ୍ଧ ରହିଛି। ସ୍କନ୍ଦ ପୁରାଣ ଉପରେ ଆଧାରିତ ଅଧିକାଂଶ ପୁସ୍ତକର ଚାହିଦା ବଢୁଥିବାବେଳେ ଡ. ଭାସ୍କର ମିଶ୍ରଙ୍କ ମଠ ପରମ୍ପରା, ପଦ୍ମନାଭ ମହାପାତ୍ରଙ୍କ ମହାପ୍ରଭୁଙ୍କ ନବକଳେବର, ମୁରାରୀମୋହନ ଜେନାଙ୍କ କବି କଣ୍ଠେ ଶ୍ରୀଜଗନ୍ନାଥ, ଡ. ରାମଚନ୍ଦ୍ର ମିଶ୍ରଙ୍କ ଶ୍ରୀଶ୍ରୀ ଜଗନ୍ନାଥ କୃପାକଳ୍ପ, ତ୍ରିମୂର୍ତ୍ତି ରହସ୍ୟ, ପିଲାଙ୍କ ଜଗନ୍ନାଥ, ରବୀନ୍ଦ୍ରନାଥ ପ୍ରତିହାରୀଙ୍କ ଶ୍ରୀଦାରୁବ୍ରହ୍ମଙ୍କ ଆଜ୍ଞାମାଳ ରହସ୍ୟ, ପଦ୍ମନାଭ ମହାପାତ୍ରଙ୍କ ଦାରୁଦେବତାରୁ ଦାରୁବ୍ରହ୍ମ, ଅସିତ୍ ମହାନ୍ତିଙ୍କ ଦଶାବତାର, ଭାସ୍କର ମିଶ୍ରଙ୍କ ଗୁଣ୍ଡିଚା ମନ୍ଦିର, ରାଜକିଶୋର ମିଶ୍ର ଏବଂ ଦେବବ୍ରତ ମହାପାତ୍ରଙ୍କ ଶ୍ରୀମନ୍ଦିର ଶବ୍ଦାବଳୀ, ଡ. ତୁଳସୀ ଓଝାଙ୍କ ଶ୍ରୀଜଗନ୍ନାଥଙ୍କ ସେବା ଓ ଉପାସନା, ରଥ ସଂହିତା ଆଦି ପୁସ୍ତକ ଉପଲବ୍ଧ ରହିଛି। ଚଳିତ ବର୍ଷ ନୂଆ କରି ଆସିଥିବା ପୁସ୍ତକ ଶ୍ରୀମନ୍ଦିର ପୁସ୍ତକ, ଅମୃତ ଅନୁଭବ, ଅନ୍ୟ ଜଗନ୍ନାଥ ଅନୁଭୂତିରେ ପାଠକଙ୍କୁ ବେଶ୍ ଆକର୍ଷିତ କରୁଛି। ସେହିପରି ପୁରୀ ଦ ଡିଭାଇନ୍ ଡେଷ୍ଟିନେସନ୍ ସାଙ୍ଗକୁ ଶ୍ରୀଜଗନ୍ନାଥଙ୍କ ବେଶ ବୈଶିଷ୍ଟ୍ୟ, ଶ୍ରୀମନ୍ଦିରର ରାଜଭୋଗ ଓ ରୋଷଶାଳା ଐତିହ୍ୟ ଆଦି ପାଠକଙ୍କ ବେଶ୍ ଆଦୃତ ହୋଇଥିବା ସହ ଦୈନନ୍ଦିନ ନୀତି, ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟମ୍, ଶ୍ରୀମନ୍ଦିର ପୁରୁଷୋତ୍ତମ ରହସ୍ୟ, ଭକ୍ତ ଚରିତମାଳା ଆଦି ପୁସ୍ତକ ହିନ୍ଦୀ, ଓଡ଼ିଆ, ଇଂରାଜୀ, ସଂସ୍କୃତ, ବଙ୍ଗଳା, ତେଲୁଗୁ, ତାମିଲ୍, ଗୁଜରାଟି, ମରାଠୀ, ଅସମୀ, କନ୍ନଡ଼ ଆଦି ବିଭିନ୍ନ ଭାଷାରେ ପ୍ରକାଶିତ ହୋଇଛି।



ଏହି ଷ୍ଟଲ୍‌ରେ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ବେଶର ଫଟୋ, ଲିମ୍ବ କାଠରେ ତିଆରି ବିଗ୍ରହ, ୨୦୨୫ ବର୍ଷ ପାଇଁ ଉଭୟ ଓଡ଼ିଆ, ଇଂରାଜୀ କ୍ୟାଲେଣ୍ଡର ରହିଛି। ମହାପ୍ରଭୁଙ୍କ ୧୪ ହାତିଆ ଉଲାଗି ଧ୍ୱଜା ମଧ ନେବାପାଇଁ ଭକ୍ତଙ୍କ ଭିଡ଼ ଜମୁଥିବା ଦେଖାଯାଇଛି। ଏହାସହ ଶ୍ରୀମନ୍ଦିରରୁ ଆସୁଥିବା ପ୍ରତିଦିନ ମହାପ୍ରଭୁଙ୍କ ନିର୍ମାଲ୍ୟ ଓ ତୁଳସୀ ବିନା ମୂଲ୍ୟରେ ଭକ୍ତମାନଙ୍କୁ ଦିଆଯାଉଛି ବୋଲି ଷ୍ଟଲ୍ ପକ୍ଷରୁ ଜଗନ୍ନାଥ ସାସମଲ କହିଛନ୍ତି।



ଫେଶନ ଟ୍ରେଣ୍ଡିଂ

## ବିବାହ ଋତୁରେ ବଢୁଛି ପ୍ଲାଷ୍ଟିକ୍ ଫୁଲର ଚାହିଦା

ଆଗରୁ ବାହାଘରବେଳେ ୭ଜଣ ମହିଳା ଆସି ଝିଅ କି ପୁଅକୁ ବାଡୁଅ ପାଣି ଗାଧୋଇଲା ବେଳେ ହଳଦୀ ଲଗେଇ ଗାଧୋଇଥା'ନ୍ତି। ହେଲେ ଏବେ ବାହାଘରରେ ପୁଅ-ଝିଅ ଏକାଠି ବସି ହଳଦୀ ଲଗେଇ ଗାଧୋଉଛନ୍ତି। ଏହି ହଳଦୀ ଗାଧୁଆରେ ପୁଅ-ଝିଅ ପ୍ଲାଷ୍ଟିକ୍ ଫୁଲର ଅଳଙ୍କାର ବ୍ୟବହାର କରୁଛନ୍ତି। ଏହି ପ୍ଲାଷ୍ଟିକ୍ ଫୁଲର ଅଳଙ୍କାର ଏବେ ଏକ ପ୍ରକାର ଫେଶନ ପାଲଟିଛି। ବଡ଼ ବଡ଼ିଆ ଲୋକଙ୍କ ଘରଠୁ ନେଇ ସାଧାରଣ ଲୋକଙ୍କ ବାହାଘରରେ ହଳଦୀ ଫଙ୍କସନ୍‌ରେ ବିଶେଷ କରି ଝିଅମାନେ ଏହି ଫୁଲର ଅଳଙ୍କାରକୁ ବ୍ୟବହାର କରୁଛନ୍ତି। ୟୁନିଟ୍-୨ ମାର୍କେଟରେ ଏବେ ବିଭିନ୍ନ ଷ୍ଟେସନାରୀ ଦୋକାନରେ ଧାଡ଼ିକି ଧାଡ଼ି ଖଞ୍ଜା ହୋଇଛି ବ୍ରାଇଡାଲ ହଳଦୀ ଫୁଲର ଅଳଙ୍କାର ସେଟ୍। ଏହି ଅଳଙ୍କାର ସେଟ୍‌ରେ ହାର, କାନଫୁଲ, ମଥାମଣି, ମୁଦି ଆଦି ରହୁଛି। ଏହି ସବୁ ପ୍ୟାକେଟ୍ ଶହେ ଟଙ୍କାରୁ ଆରମ୍ଭ ହୋଇ ୧ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ଏହି ସବୁ ସାମଗ୍ରୀ ମୁମ୍ବଇ, ୟୁପି, ବିହାର ଆଦିରୁ ଆସୁଛି ବୋଲି ଦୋକାନୀ ଅଖିଳେଶ ସିଂ କହିଛନ୍ତି। ଆହୁରି ମଧ କହିଛନ୍ତି, କେବଳ ବାହାଘର ସିଜିନ୍ ସମୟରେ ଏହି ପ୍ଲାଷ୍ଟିକ୍ ଫୁଲର ଚାହିଦା ବଢ଼ିଥାଏ। ଆଉ ଅନ୍ୟ ଦିନରେ ଲୋକମାନେ ନିଅନ୍ତି, ହେଲେ ଏତେ ମାତ୍ରାରେ ନୁହେଁ ବୋଲି ସେ କହିଛନ୍ତି। ନିତୁ ପାଣିଗ୍ରାହୀ ନାମକ ଜଣେ ଗ୍ରାହକ କହିଛନ୍ତି, ଏବେ ଜଣକୁ ଦେଖି ଜଣେ ଏମିତି ହଳଦୀରେ ଏହି ଫୁଲ ଅଳଙ୍କାର ବ୍ୟବହାର କରୁଛନ୍ତି। ଆଗରୁ ଏସବୁ ନ ଥିଲା। ଏବେ ଯୁଗ ଆଗକୁ ଯାଉଛି, ଫଳରେ ସମସ୍ତେ ଜଣକୁ ଦେଖି ଆଉ ଜଣେ ସେହିଭଳି କରିବାକୁ ବାଧ୍ୟ ହୋଇ ଏସବୁ କରିବାକୁ ପଡୁଛି। ହଳଦୀ, ମେହେନ୍ଦୀ ସବୁ ପୁଅ-ଝିଅ ଘର ଲୋକ ସବୁ ମିଶିକି କରୁଛନ୍ତି, ଯାହା ଆମ ସମୟରେ ଏସବୁ ସ୍ୱପ୍ନ ଥିଲା। ବାହାଘର ପରେ ସ୍ୱାମୀଙ୍କ ମୁହଁ ଦେଖୁଥିଲୁ, ହେଲେ ଏବେ ସବୁ ଆଗରୁ ହେଇଯାଉଛି ବୋଲି ସେ କହିଛନ୍ତି।





## ଅଚ୍ୟୁତ ସାମନ୍ତଙ୍କୁ ୭୨ତମ ସମ୍ମାନସୂଚକ ଡକ୍ଟରେଟ୍

ଭୁବନେଶ୍ୱର, ୭।୧୨(ସମିସ): ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ରାଜସ୍ଥାନର ପୂର୍ଣ୍ଣିମା ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। ଶନିବାର ରାଜସ୍ଥାନସ୍ଥିତ ପୂର୍ଣ୍ଣିମା ବିଶ୍ୱବିଦ୍ୟାଳୟର ୧୧ତମ ସମାବର୍ତ୍ତନ ସମାରୋହ ଅବସରରେ ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ହେଉଛି ଅଚ୍ୟୁତ ସାମନ୍ତଙ୍କ ୭୨ତମ ସମ୍ମାନସୂଚକ ଡକ୍ଟରେଟ୍। ସମ୍ମାନ ଗ୍ରହଣ କରି ଶ୍ରୀ ସାମନ୍ତ କହିଛନ୍ତି ଯେ ବିଗତ ୩୩ ବର୍ଷ ଧରି ମୁଁ ନିରନ୍ତର ସମାଜସେବା କରିଆସୁଛି। ଏହି ୭୨ତମ ସମ୍ମାନସୂଚକ ଡକ୍ଟରେଟ୍ ନିଶ୍ଚିତ ଭାବେ ସବୁଦିନ ପାଇଁ ସ୍ମୃତି ହୋଇ ରହିବ। ପୂର୍ବରୁ ସମାଜସେବା ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ବିଶ୍ୱର ବିଭିନ୍ନ ଦେଶର ବହୁ ସମ୍ମାନଜନକ ବିଶ୍ୱବିଦ୍ୟାଳୟ ଓ ପ୍ରତିଷ୍ଠିତ ଅନୁଷ୍ଠାନ ପକ୍ଷରୁ ଶ୍ରୀ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଛି।



## ମନିଷାରାଣୀ ଓ ସୁବାସିନୀଙ୍କୁ 'ବିଜୟଲକ୍ଷ୍ମୀ ସ୍ମୃତି ପୁରସ୍କାର'

ଭୁବନେଶ୍ୱର, ୭।୧୨(ସମିସ): ରାଜ୍ୟର ବିଶିଷ୍ଟ ଗଣିତ ଏବଂ ବିଜ୍ଞାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ମହାପାତ୍ରଙ୍କ ସ୍ମୃତିରେ ତାଙ୍କ ପୁଅ ସମ୍ବିତ ମହାପାତ୍ରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସ୍ମୃତି ପୁରସ୍କାର ଶନିବାର ୟୁନିଟ୍-୧ ବାଳିକା ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସାହିତ୍ୟିକ ଦାଶ ବେନହୁର ଛାତ୍ରଛାତ୍ରୀମାନେ ପ୍ରଶ୍ନ ପଚାରିବାର ସାହସ ରଖିବା ଉଚିତ୍ ବୋଲି ମତ ଦେଇଥିଲେ। ଏହି ଅବସରରେ ଗଣିତ ଏବଂ ବିଜ୍ଞାନରେ କୃତିତ୍ୱ ହାସଲ କରିଥିବା ସେହି ସ୍କୁଲର ମନିଷାରାଣୀ ସାହୁ ଓ ସୁବାସିନୀ ଦାସଙ୍କୁ ପ୍ରଥମ 'ବିଜୟଲକ୍ଷ୍ମୀ ସ୍ମୃତି' ପୁରସ୍କାର ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥିଭାବେ ଓଡ଼ିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ଦେବ ପ୍ରସାଦ ଦାଶ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପିଲାମାନଙ୍କୁ ଆହ୍ୱାନ କରିଥିଲେ। ସମ୍ବିତ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲୀପ ବଡ଼ପଣ୍ଡା, ଶିକ୍ଷୟିତ୍ରୀ ଅଜୟଲକ୍ଷ୍ମୀ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

## ନନ୍ଦନକାନନରେ ଜୁଲୁ ଅସୁସ୍ଥ

ନନ୍ଦନକାନନ, ୭।୧୨(ସମିସ): ନନ୍ଦନକାନନ ପ୍ରାଣୀଉଦ୍ୟାନ ୭୦ ନମ୍ବର ଖୁଆଡ଼ରେ ଅଣ୍ଡିରା ସିମ୍ପାଞ୍ଜି ଜୁଲୁ(୩୪) ଅସୁସ୍ଥ ହୋଇଥିବା ଜଣାପଡ଼ିଛି। ଶନିବାର ବୁଲାବୁଲି କରୁଥିବାବେଳେ ହଠାତ୍ ମୁଣ୍ଡ ବୁଲାଇବାରୁ ଗୋଟିଏ ସ୍ଥାନରେ ବସି ରହିଥିଲା। ସୂଚନାପାଇ ଜନ୍ତୁ ବିଭାଗର ଅଧିକାରୀମାନେ ପହଞ୍ଚି ଅସୁସ୍ଥ ସିମ୍ପାଞ୍ଜିର ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଛନ୍ତି। ଡାକ୍ତର ଚିକିତ୍ସା କରିଥିବାବେଳେ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ପରିଲକ୍ଷିତ ହୋଇନାହିଁ। ଜୁଲୁ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ସିଙ୍ଗାପୁରରୁ ୧୯୯୪ ମେ ୧୬ରେ ୪ ବର୍ଷର ଅଣ୍ଡିରା ସିମ୍ପାଞ୍ଜି ଜୁଲୁ ଓ ୩ ବର୍ଷର ମାଈ ସିମ୍ପାଞ୍ଜି ପାମ୍ପେଟାକୁ ପ୍ରଥମ କରି ନନ୍ଦନକାନନ ଅଣାଯାଇଥିଲା।

## ୧୦୮ ଆମ୍ବୁଲାନ୍ସ କର୍ମଚାରୀ ସଂଘ ପକ୍ଷରୁ ଏନ୍ଏଚ୍ଏମ୍ ଡାଇରେକ୍ଟରଙ୍କୁ ଚିଠି

ଭୁବନେଶ୍ୱର,୭।୧୨(ସମିସ): ଅଲ୍ ଓଡ଼ିଶା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘର ସମସ୍ତ କାର୍ଯ୍ୟରତ କର୍ମଚାରୀଙ୍କୁ ଗତ ଅକ୍ଟୋବର ମାସର ସ୍ପେସାଲ ଆଲାଉନ୍ସ ଏବଂ ଗ୍ରାଚୁଇଟି ବର୍ତ୍ତମାନ ସୁଦ୍ଧା ମିଳିପାରିନାହିଁ। ଯାହା ୪୫ ଦିନରୁ ଅଧିକ ସମୟ ଅତିକ୍ରମ ହୋଇ ସାରିଲାଣି। ଏହି ଆଲାଉନ୍ସ ଏବଂ ଗ୍ରାଚୁଇଟି ଜେଡ୍ଏଚ୍ଏଲ୍ କମ୍ପାନୀ ପକ୍ଷରୁ ଦିଆଯିବା କଥା। ହେଲେ ଏଯାଏଁ ତାହା ମିଳିପାରିଲା ନାହିଁ। ଏହା ସହିତ କମ୍ପାନୀର ଟେଣ୍ଡର ପ୍ରକ୍ରିୟା ମଧ ଗତ ଅକ୍ଟୋବର ୨୦ରୁ ସରିସାରିଲାଣି। ତଥାପି କୌଣସି ପଦକ୍ଷେପ ନିଆଯାଉ ନ ଥିବାବେଳେ କର୍ମଚାରୀଙ୍କ ଗ୍ରାଚୁଇଟି ଆଦିକୁ ବି ଅଟକାଇ ଦିଆଯାଇଛି। ଏନେଇ ମହାସଂଘ ପକ୍ଷରୁ ଏନ୍ଏଚ୍ଏମ୍‌କୁ ଶୁକ୍ରବାର ଏକ ଚିଠି ଲେଖାଯାଇଛି। ଯେଉଁଥିରେ ବିଭାଗର ଡାଇରେକ୍ଟରଙ୍କୁ ଏଥିରେ ହସ୍ତକ୍ଷେପ କରିବାକୁ ସଂଘ ନିବେଦନ କରିଛି। ଯଥାଶୀଘ୍ର ସମସ୍ୟାର ସମାଧାନ କରାଯାଉ ବୋଲି ସଂଘ ପକ୍ଷରୁ କୁହାଯାଇଛି।

■ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ

## ୮ ଦଫା ଦାବି କଲେ ମଧ୍ୟାହ୍ନଭୋଜନ ପାଚକ-ପାଚିକା ସଂଘ




ଭୁବନେଶ୍ୱର,୭।୧୨(ସମିସ): ଓଡ଼ିଶା ପାଚକ ପାଚିକା ମହାସଂଘ ପକ୍ଷରୁ ୮ ଦଫା ଦାବି ନେଇ ସଂଘର ରାଜ୍ୟ ସଭାନେତ୍ରୀ ଜନକ ପ୍ରଧାନଙ୍କ ନେତୃତ୍ୱରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସେମାନଙ୍କ ଦାବି ଅନୁସାରେ, ଆଜକୁ ୨୦ ବର୍ଷ ଧରି ଉକ୍ତ କ୍ଷେତ୍ରରେ କାର୍ଯ୍ୟକରି ଆସୁଥିଲେ ମଧ ଦିଆଯାଉଥିବା ପ୍ରାପ୍ୟ ସମୁଦ୍ରକୁ ଶଙ୍ଖେ ସଦୃଶ। ସରକାରଙ୍କ ଘୋଷିତ ସର୍ବନିମ୍ନ ମଜୁରୀ ୨୭୫ ଟଙ୍କା ଲାଗୁ କରାଯିବାକୁ ସଂଘ ଦାବି କରିଛି। ସେହିପରି ମାସିକ ୮୨୫୦ ଟଙ୍କା ଦରମା ଲାଗୁ କରିବା, ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ମାନ୍ୟତା ଦିଆଯିବା, ଡ୍ରେସ୍ କୋର୍ଡ ଲାଗୁ କରାଯିବା, ଚିକିତ୍ସା ଭତ୍ତା ସହିତ ଜୀବନବୀମାର ସୁବିଧା, ୨୦୧୮ ଜାନୁଆରୀ ମାସଠାରୁ ବର୍ତ୍ତମାନ ପ୍ରଚଳିତ ବର୍ଦ୍ଧିତ ଦରମାର ବକେୟା ପାଉଣା ପ୍ରଦାନ କରାଯିବାକୁ ଦାବିପତ୍ରରେ ସଂଘ ଉଲ୍ଲେଖ କରିଛି। ଏହାସହିତ ଚାକିରିରୁ ବାହାର କରିବା ଏବଂ ନିଯୁକ୍ତି କରିବା ବ୍ୟବସ୍ଥାକୁ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସିଧାସଳଖ ନିୟନ୍ତ୍ରଣରେ ରଖାଯିବା, ଦୈନିକ ମଜୁରିଆର ସ୍ୱୀକୃତି ଦେଇ ଭବିଷ୍ୟନିଧି ଯୋଜନାରେ ସାମିଲ୍ କରାଯିବା, ଅବସର ସୀମା ୬୦ରୁ ୬୨ ବର୍ଷ କରାଯିବା, କାର୍ଯ୍ୟରତ ସମୟରେ ଆକସ୍ମିକ ବିୟୋଗରେ କ୍ଷତିପୂରଣ ରାଶି ପ୍ରଦାନ କରାଯିବାକୁ ମଧ ଦାବି ହୋଇଛି। ଏହି ବିକ୍ଷୋଭରେ ରାଜ୍ୟ ଆବାହକ ଦିଗମ୍ବର ଜେନା, ରାଜ୍ୟ ସାଧାରଣ ସମ୍ପାଦିକା ଜାନକୀ ମାଝୀ, ସମ୍ପାଦିକା ଚନ୍ଦ୍ରାବତୀ ନାୟକ, କୋଷାଧକ୍ଷା ରଜନୀ କିଷାନଙ୍କ ସମେତ ପ୍ରତ୍ୟେକ ଜିଲ୍ଲାର କର୍ମକର୍ତ୍ତାମାନେ ବିଭିନ୍ନ ଦାବି ଉପସ୍ଥାପନା କରିଛନ୍ତି।

## କଳା ଓ କ୍ରୀଡ଼ା ଶିକ୍ଷକଙ୍କ ଆନ୍ଦୋଳନ ସ୍ଥଗିତ



ଭୁବନେଶ୍ୱର,୭।୧୨(ସମିସ): ଉଚ୍ଚ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ନିଯୁକ୍ତିପ୍ରାପ୍ତ ପାର୍ଟ ଟାଇମ୍ କଳା ଓ କ୍ରୀଡ଼ା ପ୍ରଶିକ୍ଷକଙ୍କୁ ନେଇ ଗଠିତ ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ ଚଳିତ ବିଧାନସଭା ଶୀତ ଅଧିବେଶନରେ ଶିକ୍ଷକମାନଙ୍କ ନିୟମିତ ଦାବି ନେଇ ଗତ ୫ ତାରିଖରୁ ଗାନ୍ଧୀମାର୍ଗରେ ଆନ୍ଦୋଳନରେ ବସିଥିଲେ। ପ୍ରଥମ ଦିନ ଗଣଶିକ୍ଷା ବିଭାଗ ସଚିବଙ୍କ ସହ ଏକ ପାଞ୍ଚଜଣିଆ ପ୍ରତିନିଧି ମଣ୍ଡଳୀ ଆଲୋଚନା କରିବା ପରେ ମଧ ଦାବି କାର୍ଯ୍ୟକାରୀ ଆରମ୍ଭ ପର୍ଯ୍ୟନ୍ତ ଧାରଣା ଚାଲୁ ରଖିଥିଲେ। କିନ୍ତୁ ଗତ ସନ୍ଧ୍ୟାରେ ସରକାରଙ୍କ ହସ୍ତକ୍ଷେପ ପରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ଆନ୍ଦୋଳନସ୍ଥଳରେ ପହଞ୍ଚି ମହାସଂଘର ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଭରସା ଓ ବିଶ୍ୱାସ ରଖି ମହାହସଂଘର ସମସ୍ତ ସଦସ୍ୟଙ୍କ ସହମତିରେ ଧାରଣାକୁ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନିଆଗଲା। ସରକାରଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ୍ ଆଲୋଚନା କରି ନିୟମିତ ଦାବି ନିମନ୍ତେ ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ କରିବାକୁ ମହାସଂଘର ସଭାପତି ପାଣ୍ଡବ ବିଶି, ସମ୍ପାଦକ ସ୍ମିତାଞ୍ଜଳି ମହାପାତ୍ର ଓ କର୍ମକର୍ତ୍ତାମାନେ ଅନୁରୋଧ କରିଛନ୍ତି।

## ଓଡ଼ିଶା ଗୋଷ୍ଠୀ ସହାୟିକା ସଂଘର ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର,୭।୧୨(ସମିସ): କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏଆଇଟିୟୁସି ସହବନ୍ଧିତ ଓଡ଼ିଶା ଗୋଷ୍ଠୀ ସହାୟିକା ସଂଘ ପକ୍ଷରୁ ଗତ ୪ ତାରିଖରୁ ବିଧାନସଭା ସମ୍ମୁଖରେ ତିନିଦିନବ୍ୟାପୀ ଧାରଣା ଓ ବିକ୍ଷୋଭ ଜାରି ରହିଥିଲା। ହେଲେ ସରକାରଙ୍କ ପ୍ରତିଶ୍ରୁତି ପରେ ବିକ୍ଷୋଭକୁ ସ୍ଥଗିତ ରଖିବାକୁ ଘୋଷଣା କରାଯାଇଛି। ଗୋଷ୍ଠୀ ସହାୟିକାଙ୍କୁ ସ୍ଥାୟୀ ନିଯୁକ୍ତି, ବକେୟା ଦରମା ପ୍ରଦାନ, ବ୍ୟାଙ୍କ ଜରିଆରେ ପ୍ରାପ୍ୟ ପ୍ରଦାନ, ସର୍ବନିମ୍ନ ମଜୁରୀ ପ୍ରଦାନ ଭଳି ପ୍ରମୁଖ ଦାବିରେ ୪ ତାରିଖରେ ସାରା ଓଡ଼ିଶାର ହଜାର ହଜାର ଗୋଷ୍ଠୀ ସହାୟିକା ବିଧାନସଭା ସମ୍ମୁଖରେ ଦାଦି ପୂରଣ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରଖିବାକୁ ଘୋଷଣା କରି ୩ଦିନ ଧରି ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସରକାରଙ୍କ ପ୍ରତିଶ୍ରୁତି ପରେ ୬ ତାରିଖ ରାତିରେ ଏହି ଆନ୍ଦୋଳନ ସ୍ଥଗିତ ଘୋଷଣା କରାଯାଇଛି। ମିଶନ ଶକ୍ତି ବିଭାଗୀୟ ସଚିବ ସାଲିନ ପଣ୍ଡିତଙ୍କ ସହ ସଂଘର ବାରମ୍ବାର ଆଲୋଚନା ପରେ ସରକାର ଗୋଷ୍ଠୀ ସହାୟିକାଙ୍କ ନିଯୁକ୍ତିକୁ ସ୍ଥାୟୀ କରିବା ଏବଂ ଡିସେମ୍ବର ମାସ ମଧ୍ୟରେ ନୂତନ ଆଇନ ପ୍ରଣୟନ କରିବାକୁ ପ୍ରତିଶ୍ରୁତି ଦେବା ପରେ ଏହାକୁ ସ୍ଥଗିତ ରଖିବାକୁ ଘୋଷଣା କରାଯାଇଥିଲା। ଆଲୋଚନାରେ ସଂଘର କାର୍ଯ୍ୟକାରୀ ସଭାପତି ସୁବାସ ମହାପାତ୍ର, ସାଧାରଣ ସମ୍ପାଦିକା ସରସ୍ୱତୀ ବେହେରା, ଅନସୂୟା ପ୍ରଧାନ, ମନୋରମା ଜେନା, ମିନାମୟୀ ମିଶ୍ର, ସରସ୍ୱତୀ ପ୍ରଧାନ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଅନୁସୂଚିତ ଜାତି ଓ ଜନଜାତି ରୋଷେୟା ସେବାୟତଙ୍କ ଧାରଣା



ଭୁବନେଶ୍ୱର,୭।୧୨(ସମିସ): ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି ରୋଷେୟା ସେବାୟତ ମହାସଂଘ ପକ୍ଷରୁ ୮ ଦଫା ଦାବି ନେଇ ରାଜ୍ୟ ଆବାହକ ଦିଗମ୍ବର ଜେନାଙ୍କ ନେତୃତ୍ୱରେ ୩୦ଟି ଜିଲ୍ଲାରୁ ପ୍ରତ୍ୟେକ କର୍ମକର୍ତ୍ତାମାନେ ଯୋଗଦେଇ ନିଜର ସମସ୍ୟା ପ୍ରକାଶ କରିଥିଲେ। ସରକାରଙ୍କ ଅଧୀନରେ ଥିବା ସେବାଶ୍ରମ ହଷ୍ଟେଲ୍‌ଗୁଡ଼ିକରେ ୨୪ ଘଣ୍ଟା ଧରି ରୋଷେୟାମାନେ କାର୍ଯ୍ୟ କରୁଥିଲେ ମଧ ସେମାନଙ୍କୁ ଉଚିତ୍ ପ୍ରାପ୍ୟ ମିଳୁନଥିବା ଅଭିଯୋଗ ହୋଇଛି। ସେମାନଙ୍କୁ ତୁରନ୍ତ ନିୟମିତ କରାଯିବା, ମାସିକ ବେତନ ୧୮ ହଜାର ଟଙ୍କା ପ୍ରଦାନ, ପ୍ରତ୍ୟେକ ରୋଷେୟାଙ୍କ ଇପିଏଫ୍ କଟାଯିବା, ଯେଉଁମାନଙ୍କର ଶିକ୍ଷାଗତ ଯୋଗ୍ୟତା +୨ ପାସ୍ ସେମାନଙ୍କୁ ସିଟି ତାଲିମ୍ ଏବଂ କନିଷ୍ଠ ମେଟ୍ରନ ନିଯୁକ୍ତି ଦେବା, ଚାକିରି ସମୟରେ ଆକସ୍ମିକ ଦୁର୍ଘଟଣା ଘଟିଲେ ପରିବାରକୁ ଅନୁକମ୍ପାମୂଳକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବା, ପରିବାରର ଜଣେ ସଦସ୍ୟଙ୍କୁ ନିଯୁକ୍ତି ପ୍ରଦାନ ଆଦି ୮ଦଫା ଦାବି କରାଯାଇଛି। ମହାସଂଘର ରାଜ୍ୟ ସଭାନେତ୍ରୀ ଦ୍ରୌପଦୀ ମୁଣ୍ଡାଙ୍କ ତତ୍ତ୍ୱାବଧାନରେ ସାଧାରଣ ସମ୍ପାଦିକା ରୀନା ମୁର୍ମୁ, ରାଜ୍ୟ ସମ୍ପାଦକ କାଳିଆ ଦିଗଲ, ସୁଚିତ୍ରା ଲାକ୍ରା, ପ୍ରେମଲତା ବେକ୍, ଜୟଚନ୍ଦ୍ର ମଲ୍ଲିକ ପ୍ରମୁଖ ବିଭାଗୀୟ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

